SAMBAD
ସମ୍ବାଦ
Largest Circulated Odia Daily
ସର୍ବାଧିକ ପ୍ରସାରିତ ଓଡ଼ିଆ ଦୈନିକ




ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର

ଚେନ୍ନାଇ ଟେଷ୍ଟର ଦ୍ୱିତୀୟ ଦିବସ ଖେଳ ବର୍ଷା ଯୋଗୁଁ ବାତିଲ, ୧୨ ଘଣ୍ଟିଆ କଟକ ବନ୍ଦ ସଫଳ, ଡ଼ାଲମିଆଙ୍କ ଏସି

ତାରିଖ : ୧୨/୩/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୬.୩ | ୩୦.୬ |
| କଟକ | ୧୫.୬ | ୩୦.୬ |
| ବାଲେଶ୍ୱର | ୧୫.୬ | ୩୦.୪ |
| ଗୋପାଳପୁର | ୧୯.୩ | ୩୦.୩ |
| ଝାରସୁଗୁଡ଼ା | ୧୪.୦ | ୨୯.୬ |

ବିତର୍କ/ମତାମତ ସଂଗ୍ରହ

ପ୍ରଧାନମନ୍ତ୍ରୀଙ୍କ କହିବାନୁସାରେ ଯୌନଶିକ୍ଷା ପରିବାରରୁ ଆରମ୍ଭ ହେବା ଉଚିତ କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଅପେକ୍ଷାରେ ଓଡ଼ିଶା

ନୂଆଦିଲ୍ଲୀ, (ଇମିସ): କେନ୍ଦ୍ରରୁ ଶିକ୍ଷା ସହାୟତା କ୍ଷେତ୍ରରେ ଓଡ଼ିଶା ପଛରେ ଅଛି। ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ପାଇଁ ପୂର୍ବ ବାଜପେୟୀ ସରକାରଙ୍କ ସମୟରେ ନିଷ୍ପତ୍ତି ନିଆଯାଇଥିଲା। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଗତ ୨୦୦୩ରେ ଏହା ଘୋଷଣା କରି ଯୁକ୍ତ ଦୁଇ ଶିକ୍ଷା ପରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଷୟ ଉପରେ ୫ ବର୍ଷିଆ ସ୍ନାତକୋତ୍ତର କୋର୍ସ ପ୍ରଚଳନ ପାଇଁ ସ୍ଥିର କରିଥିଲେ। ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଗୋଠପାଟଣାଠାରେ ୬୫ ଏକର ଜମି ମଧ୍ୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ଲାଗି ରାଜ୍ୟ ସରକାର ଚିହ୍ନଟ କରିଥିଲେ। ମାତ୍ର କେନ୍ଦ୍ରରେ ଏନଡିଏ ସରକାରଙ୍କ ଏହି ନିଷ୍ପତ୍ତିକୁ ତ୍ୱରାନ୍ୱିତ କରାଇବାରେ ଓଡ଼ିଶା ଓ ଆମ ନେତାମାନେ ଉଦ୍ୟମ କରି ନ ଥିଲେ। ୨୦୦୪ରେ କେନ୍ଦ୍ରରେ ସରକାର ସରକାର ବଦଳିବା ସହ ନିଷ୍ପତ୍ତି ମଧ୍ୟ ବଦଳିଲା ଓ ଏଭଳି କିଛି ନିଷ୍ପତ୍ତି କେନ୍ଦ୍ର ସରକାର ଦେଇ ନ ଥିବା ଏବେ କୁହାଯାଉଛି। ତେବେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନର ସ୍ଥାନାନ୍ତର ପ୍ରସଂଗ ନେଇ ଓଡ଼ିଶାରେ ଯେଉଁ ପ୍ରତିକ୍ରିୟା ପ୍ରକାଶ ପାଇଛି ଓ ଓଡ଼ିଶା ସାଂସଦମାନଙ୍କ ସ୍ୱର ଦୃଢ଼ ହେବାରେ ଲାଗିଛି ଆଗାମୀ ଦିନରେ ଓଡ଼ିଶା ପାଇଁ ଏହା ନିଶ୍ଚିତ ଏକ ଶୁଭଙ୍କର ହେବ। ଏଭଳି ପରିସ୍ଥିତିରେ ରାଜ୍ୟରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟର ବହୁ ପୂର୍ବର ଦାବିକୁ ଦୋହରାଯିବା ଦରକାର। କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ମଧ୍ୟ ଓଡ଼ିଶା ଏ ଦିଗରେ ପଛୁଆ ରହିଛି। ଓଡ଼ିଶାରେ ଲୋକସଖ୍ୟାର ୨୩ ପ୍ରତିଶତ ଆଦିବାସୀ ଓ ୧୬ ପ୍ରତିଶତ ହରିଜନ ଅଛନ୍ତି। ଶିକ୍ଷା କ୍ଷେତ୍ରରେ ରାଜ୍ୟର ଆଦିବାସୀ ଓ ହରିଜନବର୍ଗର ବିଶେଷ ଉନ୍ନତି ହୋଇପାରି ନାହିଁ। ରାଜ୍ୟର ୫୦ ପ୍ରତିଶତ ଭୌଗଳିକ ଅଞ୍ଚଳରେ ଆଦିବାସୀ ଓ ହରିଜନବର୍ଗ ବାସ କରନ୍ତି। ଶିକ୍ଷାର ମାନବୃଦ୍ଧି ଓ ପଛୁଆବର୍ଗଙ୍କ ଉନ୍ନତି ଲାଗି ରାଜ୍ୟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି ହୋଇଆସୁଛି। ଏ ସଂକ୍ରାନ୍ତରେ ଗତ ଅକ୍ଟୋବର ମାସରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂହଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭେଟି ଅନୁରୋଧ କରିଛନ୍ତି। ସେହିପରି ଖଣିଜ ପଦାର୍ଥ ବହୁଳ ଓଡ଼ିଶାରେ ଏକ ଜାତୀୟ ଉଚ୍ଚତର ଉତ୍ପାଦନ ଓ ପ୍ରୟୋଗ ପ୍ରତିଷ୍ଠାନ ସ୍ଥାପନ ଲାଗି ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ଅନୁରୋଧ କରାଯାଇଛି। ଏହି ପ୍ରତିଷ୍ଠାନ ପାଇଁ ୮୦ କୋଟି ଟଙ୍କା ଓ ବାର୍ଷିକ ପରିଚାଳନା ଖର୍ଚ୍ଚ ୬ରୁ ୮ ଲକ୍ଷ ଟଙ୍କା ଲାଗିବ ବୋଲି ରାଜ୍ୟ ପକ୍ଷରୁ ବ୍ୟୟ ଅଟକଳ କରାଯାଇଛି। ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ



**ଚୀନ୍‌ର ସାଂଘାଇଠାରେ ଏକ ଚ୍ୟାରିଟୀ ଉତ୍ସବରେ ମିସ୍ ଇଣ୍ଡିଆ ସିନ୍ଦୁରା ଗାଡ଼େ। ହାଇନାନ୍‌ଠାରେ ଅନୁଷ୍ଠିତ ହେବାକୁଥିବା ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଭାଗ ନେବାକୁ ସେ ଏଠାକୁ ଆସିଛନ୍ତି।**

ଅନ୍ୟାନ୍ୟ ଖବର

- ଅଘଟଣ: ଗୋରଖନାଥଙ୍କ ଚାନ୍ଦୁଆ ପୋଡ଼ିଗଲା
- ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳ ଲାଇନରେ ବିଦ୍ୟୁତ୍‌କରଣ କାର୍ଯ୍ୟ ଶେଷ
- ଫୋରମ୍ ଅଫ୍ ଇଣ୍ଡିଆନ୍ ରେଗୁଲେଟରସ ୧୯ତମ ସମ୍ମେଳନ ଉଦ୍‌ଘାଟିତ
- ଯୁକ୍ତ ଦୁଇ ପରୀକ୍ଷା ସୁପରିଚାଳନା ନିମନ୍ତେ ବୈଠକ
- ପୁଲିସ ବର୍ବରତାର ନିନ୍ଦା
- ଡମ୍ଫର୍ ମାଡ଼ିଯାଇ ଚାଳକ ମୃତ
- ମତୋରେ ଭୟାବହ ଅଗ୍ନିକାଣ୍ଡ: ୯୦ ଦୋକାନ ଭସ୍ମୀଭୂତ, ୫୦ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ
- ବିସିଏଲର ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଯୌନାଚାର ଅଭିଯୋଗ
- ଲକ୍ଷ୍ମୀପୋଷି ଡବଲ୍ ମର୍ଡର: ଆସାମୀ ଗିରଫ
- ନାବାଳିକାକୁ ଧର୍ଷଣ କରି ଯୁବକ ଗିରଫ
- ସିକନ୍ଦର ଆଲାମ୍‌ଙ୍କୁ ଶାନ୍ତିଦେବୀ ପୁରସ୍କାର
- ବହି ମାଗୁ ନାହୁଁ, ଆମକୁ ଲାଇନ୍ ଦିଅ, ବରଗଡ଼ ଢେଙ୍କୋ ନିର୍ବାହୀ ଯନ୍ତ୍ରୀଙ୍କୁ ଘେରାଉ କରି ଛାତ୍ରଛାତ୍ରୀଙ୍କ ଦାବି ହାସଲ
- ଜ୍ୱାଇଁ ଦ୍ୱାରା ଶାଶୁ ହତ୍ୟା, ଝିଅ ଜ୍ୱାଇଁ ଗିରଫ
-

ସହ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଉଚ୍ଚତର ଉପାଦାନ ପ୍ରୟୋଗ ପ୍ରତିଷ୍ଠାନ ସ୍ଥାପନ ଲାଗି ଓଡ଼ିଶାର ସ୍ୱରକୁ ଦୃଢ଼ କରିବା ପାଇଁ ଏବେ ଉଚିତ ସମୟ ଆସିଛି।

ପୂର୍ବପୃଷ୍ଠା


ଆଠମଲ୍ଲିକ: ଗୋଷ୍ଠୀ ବିବାଦ ଉଗ୍ର ରୂପ ନେଲା, ଗୋଟିଏ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ

- କେନ୍ଦୁଝର: ଭିଜିଲାନସ୍ ଜାଲରେ ମହିଳା କର୍ମଚାରୀ
- ଋଣ ଜମାଖାତାରୁ ୨ହଜାର ଟଙ୍କା ଉଭାନ
- ହୀରା ପାଙ୍ଗି ହତ୍ୟା ମାମଲାରେ ଜଣେ ଗିରଫ, ଦୁଇ ଫେରାର
- ଏସବିଆଇ ବ୍ରହ୍ମପୁର ଶାଖା ପକ୍ଷରୁ ପ୍ରବାସୀ ଭାରତୀୟ ସମ୍ମିଳନୀ
- ମଧ୍ୟାହ୍ନ ଭୋଜନ: ୨ ଲକ୍ଷ ବିଦ୍ୟାର୍ଥୀ ପୋକା ଡାଲି ଖାଇଛନ୍ତି
- ଯାହା ଉପରେ ନଜର ପଡ଼ିବ ଧ୍ୱଂସ ପାଇବ
- ଉଠାଜଳସେଚନ କର୍ମଚାରୀଙ୍କ ଆମରଣ ଅନଶନ ଧମକ
- ଗାଡ଼ିରେ 'ପ୍ରେସ' ଲେଖି ଚୋରି ଜିନିଷ ଚାଲାଣ: ଇଂଜିନିୟରଙ୍କ ସମେତ ୬ଗିରଫ, ଲକ୍ଷାଧିକ ଟଙ୍କାର ଆଲୁମିନିୟମ ତାର ଜବତ
- ଚୌଦ୍ୱାର ଜେଲରେ ଏଡ୍ସ ସଚେତନତା ଉତ୍ସବ
- ବିଦ୍ୟାଳୟ ନଖୋଲିବା ଅଭିଯୋଗରେ ଶିକ୍ଷକ ସସ୍ପେଣ୍ଡ
- ହାତୀ ଆକ୍ରମଣରୁ ଘନଶ୍ୟାମ ବଞ୍ଚିଲେ
- ଷ୍ଟାମ୍ପ ଭେଣ୍ଡରଙ୍କ ସମସ୍ୟା ସମାଧାନ ଲାଗି ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିଶ୍ରୁତି
- ଜୀବନସାଥୀ ପ୍ରତି ବିଶ୍ୱସନୀୟ ରୁହନ୍ତୁ, ଏଡ୍ସ୍ ରୋକନ୍ତୁ
- ଧାନ, କପାର ଅଭାବି ବିକ୍ରି:କଂଗ୍ରେସପ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର
- ଏନଇଜିଏସର ସଫଳ ରୂପାୟନ ପ୍ରତି ସତର୍କ ଦୃଷ୍ଟି ରଖ: ଯୁବ କଂଗ୍ରେସକୁ ବଦେଲିଇଙ୍କ ଆହ୍ୱାନ


Copyright © 2001 orissasambad.com

Site Developed by : www.wayindia.com